# NATIONAL NEWS BULLETIN (ODIA)

**16 October - 2024**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ତିନି ଆଫ୍ରିକୀୟ ରାଷ୍ଟ୍ର ଗସ୍ତର ଦ୍ୱିତୀୟ ପର୍ଯ୍ୟାୟରେ ଆଲଜେରିଆରୁ ମୌରିଟାନିଆ ଅଭିମୁଖେ ଯାତ୍ରା କଲେ ରାଷ୍ଟ୍ରପତି ।

- ଜାମ୍ମୁ-କାଶ୍ମୀରର ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କଲେ ନ୍ୟାସନାଲ କନଫରେନ୍ସ ନେତା ଓମାର ଅବଦୁଲ୍ଲା

- ବିକାଶ ଓ ଅଭିବୃଦ୍ଧି ଶାନ୍ତି ଏବଂ ସ୍ଥିରତା ଉପରେ ନିର୍ଭର କରେ; କହିଲେ ବୈଦେଶିକ ବ୍ୟାପାର ମନ୍ତ୍ରୀ

- ବାୟୁ ପ୍ରଦୂଷଣକୁ ରୋକିବା ସମ୍ପର୍କିତ ପୂର୍ବ ନିର୍ଦ୍ଦେଶ ପାଳନ କରି ନ ଥିବାରୁ ହରିୟାଣା ଏବଂ ପଞ୍ଜାବ ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ସମାଲୋଚନା

ଏବଂ

- ବର୍ଷା ଯୋଗୁଁ ବିଳମ୍ବିତ ହୋଇଛି ଭାରତ-ନ୍ୟୁଜିଲାଣ୍ଡ ପ୍ରଥମ ଟେଷ୍ଟ ମ୍ୟାଚ୍ ।

## ପ୍ରେସିଡେଣ୍ଟ ଭିଜିଟ୍

ତିନି ଆଫ୍ରିକୀୟ ରାଷ୍ଟ୍ର ଗସ୍ତର ଦ୍ୱିତୀୟ ପର୍ଯ୍ୟାୟରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଲଜେରିଆରୁ ମୌରିଟାନିଆ ଅଭିମୁଖେ ଯାତ୍ରା କରିଛନ୍ତି। ରାଷ୍ଟ୍ରପତିଙ୍କୁ ଆଲଜେରିଆଠାରେ ଭବ୍ୟ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ପିପୁଲ୍ସ ଡେମୋକ୍ରାଟିକ୍ ରିପବ୍ଲିକ୍ ଅଫ୍ ଆଲଜେରିଆର ପ୍ରଧାନମନ୍ତ୍ରୀ ନାଦିର ଲାର୍ବାଓଇ ଏବଂ ଅନ୍ୟାନ୍ୟ ଉଚ୍ଚ ପଦାଧିକାରୀ ତାଙ୍କୁ ବିଦାୟ ଦେଇଥିଲେ।

ଦିନିକିଆ ମୌରିଟାନିଆ ଗସ୍ତ ଅବସରରେ ରାଷ୍ଟ୍ରପତି ମୁର୍ମୁ ସେଠାକାର ଶୀର୍ଷ ନେତୃତ୍ୱଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା ବୈଠକରେ ଅଂଶଗ୍ରହଣ କରିବେ। ପ୍ରବାସୀ ଭାରତୀୟଙ୍କ ସହ ମଧ୍ୟ ଭାବ ବିନିମୟ କରିବାର କାର୍ଯ୍ୟସୂଚୀ ରହିଛି। ରାଷ୍ଟ୍ରପତି ତାଙ୍କ ଗସ୍ତର ଅନ୍ତିମ ପର୍ଯ୍ୟାୟରେ ଆଜି ମାଲାୱି ଅଭିମୁଖେ ଯାତ୍ରା କରିବେ।

## ଜେକେ-ଶପଥ ଗ୍ରହଣ

ନ୍ୟାସନାଲ କନ୍‌ଫରେନ୍ସ ନେତା ଓମର ଅବଦୁଲ୍ଲା ଆଜି କେନ୍ଦ୍ରଶାସିତ ଅଞ୍ଚଳ ଜାମ୍ମୁ କାଶ୍ମୀରର ମୁଖ୍ୟମନ୍ତ୍ରୀଭାବେ ଶପଥ ଗ୍ରହଣ କରିଛନ୍ତି। ଶ୍ରୀନଗରସ୍ଥିତ ସେର୍-ଏ-କାଶ୍ମୀର ଆନ୍ତର୍ଜାତିକ ସମ୍ମିଳନୀ କେନ୍ଦ୍ରରେ ଉପରାଜ୍ୟପାଳ ମନୋଜ ସିହ୍ନା' ଶ୍ରୀ ଅବଦୁଲ୍ଲା ଏବଂ ତାଙ୍କ ମନ୍ତ୍ରିମଣ୍ଡଳର ସଦସ୍ୟଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି । କଂଗ୍ରେସ

ସଭାପତି ମଲ୍ଲିକାର୍ଜ୍ଜୁନ ଖଡ଼ଗେ ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ସମାଜବାଦୀ ପାର୍ଟି ସଭାପତି ଅଖିଳେଶ ଯାଦବ ଏବଂ ଇଣ୍ଡି ମେଣ୍ଟର ନେତୃସ୍ଥାନୀୟ ବ୍ୟକ୍ତି ଏହି ସମାରୋହରେ ଯୋଗ ଦେଇଥିଲେ ।

## ପିଏମ୍-ଓମାର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଥିବାରୁ ଓମାର ଅବଦୁଲାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ ଜାମ୍ମୁ-କାଶ୍ମୀରବାସୀଙ୍କ ବିକାଶ ପାଇଁ କାର୍ଯ୍ୟ କରିବାକୁ ଶ୍ରୀ ଅବଦୁଲ୍ଲାଙ୍କୁ ପରାମର୍ଶ ଦେଇଛନ୍ତି । ଜାମ୍ମୁ-କାଶ୍ମୀରକୁ ସମସ୍ତ ପ୍ରକାର ଆବଶ୍ୟକ ସହାୟତା କେନ୍ଦ୍ର ପ୍ରଦାନ କରିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି ।

## ଜୟଶଙ୍କର-ଏସ୍‌ସିଓ

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ. ଜୟଶଙ୍କର କହିଛନ୍ତି, ବିକାଶ ଓ ଅଭିବୃଦ୍ଧି ଶାନ୍ତି ଏବଂ ସ୍ଥିରତା ଉପରେ ନିର୍ଭର କରେ । ସୀମାପାର ଆତଙ୍କବାଦ, ଉଗ୍ରବାଦ ଏବଂ ବିଚ୍ଛିନ୍ନତାବାଦ ଦ୍ୱାରା ବାଣିଜ୍ୟ, ଶକ୍ତି, ଯୋଗାଯୋଗ ଏବଂ ଲୋକଙ୍କ ମଧ୍ୟରେ ସମ୍ପର୍କ ବାଧାପ୍ରାପ୍ତ ହେଉଛି ବୋଲି ଡକ୍ଟର ଜୟଶଙ୍କର କହିଛନ୍ତି । ପାକିସ୍ତାନର ଇସଲାମାବାଦରେ ଆଜି ସାଂଘାଇ ସହଯୋଗ ସଂଗଠନ ପରିଷଦର ୨୩ତମ ବୈଠକରେ ଉଦବୋଧନ ଦେଇ ଡକ୍ଟର ଜୟଶଙ୍କର ଏହା କହିଛନ୍ତି ।

ଜଳବାୟୁ ପରିବର୍ତ୍ତନ, ଯୋଗାଣ ଶୃଙ୍ଖଳ ଅନିଶ୍ଚିତତା ଏବଂ ଆର୍ଥିକ ଅସ୍ଥିରତା ପରି ଆହ୍ୱାନଗୁଡ଼ିକ ବିଶ୍ୱବ୍ୟାପୀ ଅଭିବୃଦ୍ଧି ଏବଂ ବିକାଶକୁ ପ୍ରଭାବିତ କରୁଛି। ପାରସ୍ପରିକ ସମ୍ମାନ, ସାର୍ବଭୌମତ୍ୟ ଏବଂ ଆଞ୍ଚଳିକ ଅଖଣ୍ଡତାକୁ ସ୍ୱୀକୃତି ଦେବା ଉପରେ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ସହଯୋଗ ପ୍ରତିଷ୍ଠା ହେବା ଜରୁରୀ ବୋଲି ଡକ୍ଟର ଜୟଶଙ୍କର କହିଛନ୍ତି।

ବିଭିନ୍ନ କ୍ଷେତ୍ରରେ ସହଯୋଗର ଆବଶ୍ୟକତା ଉପରେ ଆଲୋକପାତ କରି ଡକ୍ଟର ଜୟଶଙ୍କର ସାମୂହିକ ପ୍ରୟାସ ଦ୍ୱାରା ସମ୍ବଳ ସଂଗ୍ରହ, ପୁଞ୍ଜିନିବେଶ ଆକୃଷ୍ଟ ହୋଇପାରିବ ବୋଲି କହିଛନ୍ତି।

ଡକ୍ଟର ଜୟଶଙ୍କର ଏସ.ସି.ଓ ଢାଞ୍ଚାରେ ଭାରତର ବିଶ୍ୱସ୍ତରୀୟ ପଦକ୍ଷେପର ପ୍ରାସଙ୍ଗିକତା ଉପରେ ମଧ୍ୟ ଆଲୋକପାତ କରିଥିଲେ। ଅକ୍ଷୟ ଶକ୍ତିକୁ ପ୍ରୋତ୍ସାହନ ଦେଉଥିବା ଅନ୍ତର୍ଜାତୀୟ ସୌର ମେଣ୍ଟ ଏବଂ ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ହ୍ରାସ କରିବା ଉଦ୍ଦେଶ୍ୟରେ ବିପର୍ଯ୍ୟୟ ମୁକାବିଲା ଭିତ୍ତିଭୂମି ପ୍ରସ୍ତୁତ କରିବାକୁ ଡକ୍ଟର ଜୟଶଙ୍କର ଗୁରୁତ୍ୱ ପ୍ରଦାନ କରିଛନ୍ତି। ଡକ୍ଟର ଜୟଶଙ୍କର ଜାତିସଂଘ ସୁରକ୍ଷା ପରିଷଦର ବ୍ୟାପକ ସଂସ୍କାର ଉପରେ ମଧ୍ୟ ଗୁରୁତ୍ୱ ପ୍ରଦାନ କରିଛନ୍ତି। ମିଳିତ ଜାତିସଂଘର ବିଶ୍ୱସନୀୟତା ଏବଂ ଫଳପ୍ରଦ ପଦକ୍ଷେପ କ୍ଷେତ୍ରରେ ବିକାଶଶୀଳ ଦେଶଗୁଡ଼ିକର ପ୍ରତିନିଧିତ୍ୱ ସୁନିଶ୍ଚିତ କରିବା ଉପରେ ନିର୍ଭର କରେ ବୋଲି ସେ କହିଛନ୍ତି।

## ପିଏମ୍-ଶାହା-ରାଇଜିଂ ଡେ’

ନ୍ୟାସନାଲ ସିକ୍ୟୁରିଟି ଗାର୍ଡ (ଏନଏସଜି)ର ପ୍ରତିଷ୍ଠା ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ପ୍ରଧାନମନ୍ତ୍ରୀ ଦେଶର ସୁରକ୍ଷା ପାଇଁ ଏନ୍‌ଏସ୍‌ଜି ଯବାନଙ୍କ ଅତୁଟ ସମର୍ପଣ, ସାହସ, ସଂକଳ୍ପ ଏବଂ ପ୍ରତିବଦ୍ଧତାର ସେ ଉଚ୍ଚ ପ୍ରଶଂସା କରିଛନ୍ତି।

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ମଧ୍ୟ ନ୍ୟାସନାଲ ସିକ୍ୟୁରିଟି ଗାର୍ଡ (ଏନଏସଜି)ର ପ୍ରତିଷ୍ଠା ଦିବସରେ ଶୁଭେଚ୍ଛା ଜଣାଇଛନ୍ତି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଶାହା ଏନଏସଜି 'ସର୍ବତ୍ର ସର୍ବୋତ୍ତମ ସୁରକ୍ଷା'ର ଲକ୍ଷ୍ୟ ପୂରଣ କରୁଛି ବୋଲି କହିଛନ୍ତି। କର୍ତ୍ତବ୍ୟ ସମ୍ପାଦନ ସମୟରେ ଜୀବନ ବଳିଦାନ ଦେଇଥିବା ଏନ୍‌ଏସ୍‌ଜି ଯବାନଙ୍କ ଉଦ୍ଦେଶ୍ୟରେ ଶ୍ରୀ ଶାହା ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।

## ଏସ୍‌ସି-ଷ୍ଟବଲ ବର୍ଣ୍ଣିଂ

ବାୟୁ ପ୍ରଦୂଷଣକୁ ରୋକିବା ନେଇ ପୂର୍ବ ନିର୍ଦ୍ଦେଶକୁ ପାଳନ କରି ନ ଥିବାରୁ ହରିୟାଣା ଏବଂ ପଞ୍ଜାବ ସରକାରଙ୍କୁ ସୁପ୍ରିମକୋର୍ଟ ସମାଲୋଚନା କରିଛନ୍ତି। ଜଷ୍ଟିସ୍ ଅଭୟ ଏସ୍ ଓକାଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ହରିୟାଣା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାୟୁ ଗୁଣବତ୍ତା ପରିଚାଳନା ଆୟୋଗକୁ ନିର୍ଦ୍ଦେଶ ଦେଇଛନ୍ତି। ନିର୍ଦ୍ଦେଶ ଉଲ୍ଲଙ୍ଘନକାରୀଙ୍କ ବିରୁଦ୍ଧରେ ହରିୟାଣା ସରକାର କୌଣସି ପଦକ୍ଷେପ ନେଇ ନ ଥିବାରୁ ସୁପ୍ରିମକୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି। ଆୟୋଗଙ୍କ ନିୟମାବଳୀର ଉଲ୍ଲଙ୍ଘନକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଖଣ୍ଡପୀଠ ଏକ ସପ୍ତାହ ସମୟ ଧାର୍ଯ୍ୟ କରିଛନ୍ତି।

ସୁପ୍ରିମକୋର୍ଟ ଆସନ୍ତା  ୨୩ ତାରିଖରେ ହାଜର ହେବାକୁ ହରିୟାଣା ମୁଖ୍ୟ ଶାସନ ସଚିବଙ୍କୁ ସମନ ଜାରି କରିଛନ୍ତି । ସେହିଦିନ ପଞ୍ଜାବର ମୁଖ୍ୟ ଶାସନ ସଚିବଙ୍କୁ କୋର୍ଟରେ ଉପସ୍ଥିତ ରହିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ନିର୍ଦ୍ଦେଶାଳବୀ ଉଲ୍ଲଂଘନ ନେଇ ସମ୍ପୃକ୍ତ ଅଧିକାରୀଙ୍କ ବିରୁଦ୍ଧରେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବ ତାହାର ସ୍ପଷ୍ଟୀକରଣ ଦେବାକୁ କୋର୍ଟ ଉଭୟ ରାଜ୍ୟର ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## ସିନ୍ଧିଆ- ଡିଜିଟାଲ ଟ୍ରାଞ୍ଜାକସନ

ଯୋଗାଯୋଗ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ କହିଛନ୍ତି, ବିଶ୍ୱର ମୋଟ ଡିଜିଟାଲ କାରବାରର ୪୬ ପ୍ରତିଶତ ଭାରତରେ ହୋଇଥାଏ । ନୂଆଦିଲ୍ଲୀର ଭାରତ ମଣ୍ଡପମଠାରେ ଆଜି ଆନ୍ତର୍ଜାତିକ ୬-ଜି ସମ୍ମିଳନୀର ଉଦ୍‌ଘାଟନୀ ଅଧିବେଶନକୁ ସମ୍ବୋଧନ କରି ଶ୍ରୀ ସିନ୍ଧିଆ କହିଛନ୍ତି, ଗତ ଅଗଷ୍ଟ ମାସରେ ୟୁପିଆଇରେ ୨୭ ହଜାର ୫୦୦ କୋଟି ଡଲାରର ଦେଣନେଣ ହୋଇଥିଲା । ପ୍ରତ୍ୟେକ ନାଗରିକଙ୍କ ପାଇଁ ସାଇବର ନିରାପତ୍ତା ସୁନିଶ୍ଚିତ କରିବା ଉପରେ ମଧ୍ୟ ସେ ଗୁରୁତ୍ୱାରୋପ କରିଛନ୍ତି । ୬-ଜି ଟେକ୍ନୋଲୋଜିରେ ଭାରତ ବିଶ୍ୱର ନେତୃତ୍ୱ ନେବ ବୋଲି ମନ୍ତ୍ରୀ ଶ୍ରୀ ସିନ୍ଧିଆ ଆଶାବ୍ୟକ୍ତ କରିଛନ୍ତି ।  ଡିଜିଟାଲ ଇଣ୍ଡିଆ 'ସବ୍‌କା ସାଥ, ସବ୍‌କା ବିକାଶ ସବକା ବିଶ୍ୱାସ ଏବଂ ସବକା ପ୍ରୟାସ'ର ମୌଳିକ ପରିସର ଉପରେ ଆଧାରିତ ବୋଲି ଶ୍ରୀ ସିନ୍ଧିଆ କହିଛନ୍ତି ।

# ଗୋଏଲ-ଆଇଏଫ୍‌କ୍ୟୁଏମ୍ ସିମ୍ପୋଜିୟମ

ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ କହିଛନ୍ତି, ଦେଶରେ ଏକ ସୁଦୃଢ଼ ଗୁଣାତ୍ମକ ଇକୋସିଷ୍ଟମ୍ ନିର୍ମାଣ ପାଇଁ ସରକାର 'ଜିରୋ ଡିଫେକ୍ଟ, ଜିରୋ ଇଫେକ୍ଟ' ମନ୍ତ୍ର ନେଇ କାର୍ଯ୍ୟ କରୁଛନ୍ତି। ଗତ ୧୦ ବର୍ଷ ମଧ୍ୟରେ ଭାରତରେ ଗୁଣବତ୍ତା ନିୟନ୍ତ୍ରଣ ୧୦୬ ଉତ୍ପାଦରୁ ବୃଦ୍ଧି ପାଇ ୭୩୨ରେ ପହଁଞ୍ଚିଛି। ନୂଆଦିଲ୍ଲୀରେ ଆୟୋଜିତ ପ୍ରଥମ ଇଣ୍ଡିଆନ୍ ଫାଉଣ୍ଡେସନ୍ କ୍ୱାଲିଟି ମ୍ୟାନେଜମେଣ୍ଟ ସିମ୍ପୋଜିୟମର ଶେଷ ଅଧିବେଶନରେ ଆଜି ଉଦ୍‌ବୋଧନ ଦେଇ ଶ୍ରୀ ଗୋୟଲ ଏହା କହିଛନ୍ତି।

୨୦୪୭ ମସିହାରେ ବିକଶିତ ଭାରତ ସ୍ୱପ୍ନ ସାକାର ପାଇଁ ଜାତୀୟ ଗୁଣବତ୍ତା ଅଭିଯାନ ଶୀର୍ଷକ ପ୍ରସଙ୍ଗରେ ଶ୍ରୀ ଗୋଏଲ କହିଛନ୍ତି, ଦେଶରେ ଖେଳଣା ଉତ୍ପାଦନ ପାଇଁ ଏକ ଇକୋସିଷ୍ଟମ ସ୍ଥାପନ କରାଯାଇଛି। ସେ ଆହୁରି ମଧ୍ୟ କହିଛନ୍ତି  ଖେଳନା ରପ୍ତାନୀ କ୍ଷେତ୍ରରେ ଭାରତ ବିଶ୍ୱରେ ନିଜର ପ୍ରତିଷ୍ଠା ଅର୍ଜନ କରିପାରିଛି। ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ କ୍ଷେତ୍ରରେ ଗୁଣାତ୍ମକ ଇକୋସିଷ୍ଟମ୍‌କୁ ପ୍ରାଧାନ୍ୟ ଦେବା ପାଇଁ ସରକାରଙ୍କ ସହ ସହଭାଗିଦାରୀ ହୋଇ କାର୍ଯ୍ୟ କରିବାକୁ ମନ୍ତ୍ରୀ ଶ୍ରୀ ଗୋଏଲ ଶିଳ୍ପ ଉଦ୍ୟୋଗୀମାନଙ୍କୁ ଆହ୍ୱାନ ଦେଇଛନ୍ତି।

# ଇଣ୍ଡିଆ-ନ୍ୟୁଜିଲାଣ୍ଡ ପ୍ରଥମ ଟେଷ୍ଟ

ବେଙ୍ଗାଲୁରୁଠାରେ ଆଜି ଆରମ୍ଭ ହେବାକୁ ଥିବା ଭାରତ-ନ୍ୟୁଜିଲାଣ୍ଡ ପ୍ରଥମ ଟେଷ୍ଟ ମ୍ୟାଚ୍ ବର୍ଷା ଯୋଗୁଁ ଏ ପର୍ଯ୍ୟନ୍ତ ଆରମ୍ଭ ହୋଇପାରିନାହିଁ। ବିଶ୍ୱ ଟେଷ୍ଟ ଚାମ୍ପିୟନସିପ୍ ପୂର୍ବରୁ ଘରୋଇ ମାଟିରେ ଭାରତର ଏହା ଅନ୍ତିମ

ଟେଷ୍ଟ ଶୃଙ୍ଖଳା। ଟେଷ୍ଟ ଚାମ୍ପିୟନସିପ୍‌ର ଫାଇନାଲରେ ପହଞ୍ଚିବା ଲାଗି ଭାରତ ପାଇଁ ଏହି ତିନିଟିକିଆ ଟେଷ୍ଟ ଶୃଙ୍ଖଳା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ରୋହିତ ଶର୍ମା ଭାରତୀୟ ଦଳର ନେତୃତ୍ୱ ନେଇଥିବାବେଳେ ଟମ୍ ଲାଥମ ନ୍ୟୁଜିଲାଣ୍ଡ ଦଳର ଅଧିନାୟକତ୍ୱ କରୁଛନ୍ତି। ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ଆସନ୍ତା ୨୪ତାରିଖରେ ପୁନେର ମହାରାଷ୍ଟ୍ର କ୍ରିକେଟ୍ ଆସୋସିଏସନ ଷ୍ଟାଡିୟମଠାରେ ଏବଂ ତୃତୀୟ ତଥା ଅନ୍ତିମ ଟେଷ୍ଟ ମୁମ୍ବାଇର ୱାଙ୍ଖଡେ ଷ୍ଟାଡିୟମରେ ନଭେମ୍ବର ପହିଲାରେ ଖେଳାଯିବ ।

## ମହିଳା ଟି-୨୦ ବିଶ୍ୱକପ୍

ଆଇସିସି ମହିଳା ଟି-୨୦ ବିଶ୍ୱକପ୍ ପ୍ରତିଯୋଗିତାର ସେମିଫାଇନାଲ ପର୍ଯ୍ୟାୟ ମ୍ୟାଚ୍ ଆସନ୍ତା କାଲିଠାରୁ ଆରମ୍ଭ ହେବ । ପ୍ରଥମ ସେମିଫାଇନାଲରେ ଦୁବାଇଠାରେ ଅଷ୍ଟ୍ରେଲିଆ ଏବଂ ଦକ୍ଷିଣ ଆଫ୍ରିକା ପରସ୍ପରକୁ ଭେଟିବେ । ଶୁକ୍ରବାର ଦ୍ୱିତୀୟ ସେମିଫାଇନାଲରେ ୱେଷ୍ଟଇଣ୍ଡିଜ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ମୁକାବିଲା ହେବ । ରବିବାର ଦିନ ଫାଇନାଲ ମ୍ୟାଚ୍ ଖେଳାଯିବ ।

ଦୁବାଇଠାରେ ଗତକାଲି ଅନୁଷ୍ଠିତ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ ଇଂଲଣ୍ଡକୁ ୬ ୱିକେଟ୍‌ରେ ପରାସ୍ତ କରି ଚତୁର୍ଥ ଦଳ ଭାବେ ସେମିଫାଇନାଲରେ ପହଞ୍ଚିଛି । ଟସ୍ ଜିତି ଇଂଲଣ୍ଡକୁ ପ୍ରଥମେ ବ୍ୟାଟିଂ କରିବାକୁ ୱେଷ୍ଟଇଣ୍ଡିଜ ଆମନ୍ତ୍ରଣ କରିଥିଲା । ଇଂଲଣ୍ଡ ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ୍ ବିନିମୟରେ ୧୪୧ରନ୍ ସଂଗ୍ରହ କରିଥିଲା ।

୧୪୨ରନ୍‌ର ବିଜୟଲକ୍ଷ୍ୟକୁ ୱେଷ୍ଟଇଣ୍ଡିଜ ୧୨ଟି ବଲ୍ ବାକିଥାଇ ହାସଲ କରିପାରିଥିଲା ।

## ଟିଏନ୍- ରେନ୍

ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଘଣ୍ଟାପ୍ରତି ୧୨ କିଲୋମିଟର ବେଗରେ ପଶ୍ଚିମ ଉତ୍ତର-ପଶ୍ଚିମ ଦିଗକୁ ଗତି କରୁଛି। ଚେନ୍ନାଇଠାରୁ ୩୬୦ କିଲୋମିଟର ପୂର୍ବ ଦକ୍ଷିଣ-ପୂର୍ବ, ପୁଡୁଚେରୀଠାରୁ ୩୯୦ କିଲୋମିଟର ପୂର୍ବ ଏବଂ ନେଲ୍ଲୋରଠାରୁ ୪୫୦ କିଲୋମିଟର ଦକ୍ଷିଣ ପୂର୍ବ ଦିଗରେ ଏହା କେନ୍ଦ୍ରୀଭୂତ ହୋଇଛି। ପଶ୍ଚିମ ଉତ୍ତର-ପଶ୍ଚିମ ଦିଗକୁ ଗତି କରି ଆସନ୍ତାକାଲି ସକାଳେ ଉତ୍ତର ତାମିଲନାଡୁ ଓ ଦକ୍ଷିଣ ଆନ୍ଧ୍ର ଉପକୂଳ ଅତିକ୍ରମ କରିବାର ସମ୍ଭାବନା ରହିଛି। ଚେନ୍ନାଇ, କୁଡ୍ଡାଲୋର, ଏନୋର, କଟ୍ଟୁପଲ୍ଲୀ ଏବଂ ପୁଡୁଚେରୀରେ ତିନି ନମ୍ବର ବାତ୍ୟା ସତର୍କ ସଙ୍କେତ ଜାରି କରାଯାଇଛି।

ଚେନ୍ନାଇ ସହର ଏବଂ ଉପାନ୍ତ ଅଞ୍ଚଳରେ ଗତକାଲି ୨୦ରୁ ୩୦ ସେଣ୍ଟିମିଟର ବର୍ଷା ରେକର୍ଡ କରାଯାଇଛି। ଉପକୂଳବର୍ତ୍ତୀ ଅଞ୍ଚଳରେ ଆଜି ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବ ବୋଲି ପାଣିପାଗ ପୂର୍ବାନୁମାନ କରିଛି।